# ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ

## ଏକବିଂଶତମ ସାଧାରଣ ଅଧିବେଶନର ବିବରଣୀ

ତା ୧୪.୦୨.୧୩ରିଖ
ସ୍ଥାନ - ସମ୍ମିଳନୀ କକ୍ଷ
ସମୟ - ଅପରାହ୍ନ ଘ ୩.୩୦ଟିକା

ଅଦ୍ୟ ତା ୧୪.୨.୧୩ରିଖ ଅପରାହ୍ନ ଘ.୩.୩୦ଟିକା ସମୟରେ ପାରାଦ୍ୱୀପ ପୌର ପରିଷଦର ୨୧ (ଏକବିଂଶ)ତମ ସାଧାରଣ ବୈଠକ ଅଧକ୍ଷା ମଞ୍ଜୁଳତା ଢେନାଙ୍କ ପୌରୋହିତ୍ୟରେ ପରିଷଦର ସମ୍ମିଳନୀ କକ୍ଷରେ ନିମ୍ନଲିଖିତ ସଭ୍ୟ/ ସଭ୍ୟାମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା ।

| | | |
|---|---|---|
| ୧. | ଶ୍ରୀଯୁକ୍ତ ବିଷ୍ଣୁ ଚରଣ ମୁଦୁଲି, | ମାନ୍ୟବର ସାଂସଦ, ଜଗତସିଂହପୁରଙ୍କ ପ୍ରତିନିଧି |
| ୨. | ଶ୍ରୀଯୁକ୍ତ ନରେଶ ସାହୁ | ପାରିଷଦ ୱାର୍ଡ ନଂ ୧ |
| ୩. | ଶ୍ରୀମତୀ ଅମ୍ବିକା ପ୍ରଧାନ | ପାରିଷଦ ୱାର୍ଡ ନଂ ୨ |
| ୪. | ଶ୍ରୀଯୁକ୍ତ ଦେବେନ୍ଦ୍ର ମୁଣ୍ଡା | ପାରିଷଦ ୱାର୍ଡ ନଂ ୬ |
| ୫. | ଶ୍ରୀମତୀ ଅନ୍ନପୂର୍ଣ୍ଣା ବେଉରା | ପାରିଷଦ ୱାର୍ଡ ନଂ ୭ |
| ୬. | ଶ୍ରୀଯୁକ୍ତ ଅଜୟ କୁମାର ନାୟକ | ପାରିଷଦ ୱାର୍ଡ ନଂ ୮ |
| ୭. | ଶ୍ରୀମତୀ ଚପଳା ସ୍ୱାଇଁ | ପାରିଷଦ ୱାର୍ଡ ନଂ ୧୦ |
| ୮. | ଶ୍ରୀମତୀ ମାନସି ଢେନା | ପାରିଷଦ ୱାର୍ଡ ନଂ ୧୨ |
| ୯. | ଶ୍ରୀଯୁକ୍ତ ଝାଡେଶ୍ୱର ମାନା | ପାରିଷଦ ୱାର୍ଡ ନଂ ୧୩ |
| ୧୦. | ଶ୍ରୀଯୁକ୍ତ ଦିଲ୍ଲିପ କୁମାର ଦାସ | ପାରିଷଦ ୱାର୍ଡ ନଂ ୧୪ |
| ୧୧ | ଶ୍ରୀଯୁକ୍ତ ମାନସ ରଂଜନ ବିଶ୍ୱାଳ | ପାରିଷଦ ୱାର୍ଡ ନଂ ୧୫ |
| ୧୨. | ଶ୍ରୀଯୁକ୍ତ ଅକ୍ଷୟ କୁମାର ପରିଡା | ପାରିଷଦ ୱାର୍ଡ ନଂ ୧୮ |

ଅଧିବେଶନ ପ୍ରାରମ୍ଭରେ ଅଧକ୍ଷା ମହୋଦୟା, ଗୃହରେ ଉପସ୍ଥିତ ଥିବା ସମସ୍ତ ସଭ୍ୟ/ସଭ୍ୟା ଓ ପଦାଧିକାରୀ ମାନଙ୍କୁ ସ୍ୱାଗତ ଜଣାଇ ଥିଲେ ଓ ପରେ କାର୍ଯ୍ୟସୂଚୀ ଅନୁଯାୟୀ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।

**କାର୍ଯ୍ୟସୂଚୀ ନଂ ୧ -ପୂର୍ବ ବୈଠକ ବିବରଣୀର ଦୃଢ଼ିକରଣ :-**

ଅଧକ୍ଷା ମହୋଦୟା ପୂର୍ବ ବୈଠକ ବିବରଣୀ ଉପରେ ବିଷଦ ଭାବରେ ଆଲୋଚନା ପାଇଁ ଗୃହରେ ପ୍ରସ୍ତାବ ରଖିଥିଲେ । ଏଥିରେ ଭାଗନେଇ ଶ୍ରୀଯୁକ୍ତ ଅକ୍ଷୟ କୁମାର ପରିଡା ଗୃହକୁ ଜଣାଇଥିଲେ ଯେ, ପୂର୍ବ ବୈଠକ ମାନଙ୍କରେ ପାରିଷଦ ଶ୍ରୀମତୀ ଅଂଜନା ରାଉତରାୟ ଅଭିଯୋଗ କରିଥିଲେ ଯେ, ୧୬ ନଂ ୱାର୍ଡ ସଂଲଗ୍ନ ୟୁଗୋସ୍ଲୋଭିଆ କଲୋନୀରେ ପରିଷଦ ତରଫରୁ ଏକ ରାସ୍ତା କାମ ସହିତ ଡ୍ରେନ କରାଯାଇଅଛି ବୋଲି ଦପ୍ତରର କାଗଜାତରୁ ଜଣାପଡିଛି ବୋଲି ଅଭିଯୋଗ କରିଥିଲେ । ମାତ୍ର ଗୃହରେ ଏହା ଆଲୋଚନା କରାଯାଇ ପ୍ରକୃତ କାର୍ଯ୍ୟର ବିବରଣୀ ପ୍ରଦାନ କରିବା ପାଇଁ ନିର୍ବାହୀ ଅଧିକାରୀ ପୂର୍ବ ବୈଠକରେ ଦାଇତ୍ୱ ନେଇଥିଲେ । ତେଣୁ ସେ ଏହା ଉପରେ ସ୍ପଷ୍ଟିକରଣ ଦେବା ପାଇଁ ଗୃହକୁ ଜଣାଇ ଥିଲେ । ଉତ୍ତରରେ ନିର୍ବାହୀ ଅଧବକାରୀ ଗୃହକୁ ଜଣାଇଥିଲେ ଯେ, ସଂପୃକ୍ତ କାଗଜାତ ଯାଞ୍ଚ କଲାପରେ ଉକ୍ତ ସ୍ଥାନରେ କେବଳ ଡ୍ରେନ କାର୍ଯ୍ୟ ହୋଇଅଛି । ମାତ୍ର ଭୁଲ ବସତଃ ଡ୍ରେନ ସହିତ ରାସ୍ତା କାର୍ଯ୍ୟ ବୋଲି ଉଲ୍ଲେଖ କରାଯାଇ ଅଛି । ତେଣୁ ଏହାକୁ ସଂଶୋଧନ କରାଯାଇ ଅଛି ଓ ତତ୍ ସହିତ ପୂର୍ବ ବୈଠକର ଅଭିଯୋଗ କ୍ରମେ ପରିଷଦ

ତରଫରୁ ବସା ଯାଇଥିବା ନଳକୂପ ଗୁଡିକର ସମ୍ପୂର୍ଣ୍ଣ ତଥ୍ୟ ନିର୍ବାହୀ ଅଧିକାରୀ ଗୃହକୁ ଜଣାଇଥିଲେ ଓ ଏହା ଉପରେ ଆଲୋଚନା କରାଯାଇ ଶେଷରେ ଉପସ୍ଥିତ ସମସ୍ତ ପାରିଷଦ ଉକ୍ତ ଅଭିଯୋଗ ଦ୍ଵୟର ସନ୍ତୋଷ ଜନକ ଉତ୍ତର ପାଇଥିଲେ । ଶେଷରେ ଅନ୍ୟ ବିବରଣୀ ଉପରେ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇ ସର୍ବ ସମ୍ମତି କ୍ରମେ ପୂର୍ବ ବୈଠକ ବିବରଣୀକୁ ଗୃହରେ ଦୃଢିକରଣ କରାଯାଇଥିଲା ।

**କାର୍ଯ୍ୟସୂଚୀ ନଂ ୨ - ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଆଲୋଚନା :-**

(କ) ଅଧ୍ୟକ୍ଷା ମହୋଦୟା ଗୃହକୁ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଆଲୋଚନା କରିବା ପାଇଁ ପ୍ରସ୍ତାବ ରଖିଥିଲେ । ଏଥିରେ ଭାଗନେଇ ଶ୍ରୀମତୀ ଅନ୍ନପୂର୍ଣ୍ଣ ବେଉରା, ପାରିଷଦ ଗୃହକୁ ଜଣାଇଥିଲେ ଯେ, ପରିଷଦ ତରଫରୁ ହେବାକୁ ଥିବା ବିବାହ ମଣ୍ଡପ ଉନ୍ନତ ମାନର ହେଉ । ଏଥିରେ ଭାଗନେଇ ଉପସ୍ଥିତ ସମସ୍ତ ସଭ୍ୟ/ ସଭ୍ୟା ସମାନ ମତ ପୋଷଣ କରିଥିଲେ ଓ ଏହାକୁ ଉନ୍ନତ ମାନର କରିବା ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

(ଖ) ଅଧ୍ୟକ୍ଷା ମହୋଦୟା ତ୍ରୟୋଦଶ ଅର୍ଥ କମିଶନର ୨୦୧୨-୧୩ ଆର୍ଥିକ ବର୍ଷରେ ରୋଡ୍ସ୍ ଓ ବ୍ରିଜ ବାବଦରେ ଦେୟରେ ହେବାକୁ ଥିବା ପ୍ରକଳ୍ପ ଗୁଡିକ ସ୍ଥିର କରିବା ପାଇଁ ଗୃହରେ ପ୍ରସ୍ତାବ ରଖିଥିଲେ । ଏହା ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇ ନିମ୍ନଲିଖିତ ପ୍ରକଳ୍ପ ଗୁଡିକ ଅନୁମୋଦନ ପାଇଁ ନଗର ଉନ୍ନୟନ ବିଭାଗକୁ ପ୍ରେରଣ କରାଯିବ ବୋଲି ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଗଲା ।

| | | |
|---|---|---|
| 1. | Improvement to road with const. of drain, cover slab from Sarat Sahu house to Niranjan Makep house in Ward no. 3 | Rs. 6,00,000.00 |
| 2 | Improement from Sura Mandal house to Radhakanta Sutar house at B-block at Bhitargarh in Ward no. 4 | Rs. 5,00,000.00 |
| 3. | Improvement of road with widening and construction of drain, cover slab from N.H.-PPL Chhak to Trilochan Mohanty house and side lanes in Ward no. 5 | Rs. 30,00,000.00 |
| | Total :- | Rs. 41,00,000.00 |

(ଗ) ଅଧ୍ୟକ୍ଷା ମହୋଦୟାଙ୍କ ଅନୁମତି ନେଇ ନିର୍ବାହୀ ଅଧିକାରୀ ଗୃହକୁ ଜଣାଇଥିଲେ ଯେ, ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ଵାରା କଂକ୍ରିଟ ରୋଡ ପାଇଁ ୨୦୧୨-୧୩ ଆର୍ଥିକ ବର୍ଷରେ ଜି.ଓ ନଂ ୩୫୯୬୯/ ୨୯.୧୨.୧୨ ଓ ୩୫୯୬୬/ ୨୯.୧୨.୧୨ ରିଖରେ ମୋଟ ଟ. ୧୭୩.୧୪ ଲକ୍ଷ ଟଙ୍କା ଦିଆଯିବାକୁ ଥିବା ବେଳେ ବର୍ତ୍ତମାନ ପାଇଁ ୮୬.୮୭ଲକ୍ଷ ଟଙ୍କା ଦିଆଯାଇଅଛି । ତେଣୁ ଉକ୍ତ ଟଙ୍କା ଖର୍ଚ୍ଚ ପାଇଁ ପ୍ରକଳ୍ପ ତାଲିକା ପସ୍ତୁତ କରିବା ପାଇଁ ଗୃହରେ ପ୍ରସ୍ତାବ ରଖିଥିଲେ । ଏହା ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇ ୨୮ ଗୋଟି ପ୍ରକଳ୍ପ ଗୁଡିକ ଟ. ୧,୯୦,୧୫,୧୮୦.୦୦ଙ୍କା କୁ ଅନୁମୋଦନ ପାଇଁ ନଗର ଉନ୍ନୟନ ବିଭାଗକୁ ପ୍ରେରଣ କରାଯିବ ବୋଲି ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଗଲା । ପ୍ରକଳ୍ପ ତାଲିକ ନିମ୍ନରେ ପ୍ରଦାନ କରାଗଲା ।

| | | |
|---|---|---|
| 1 | Construction of C.C Road ,drain at Fish Market Kabarstan Front Basti two lane , Paradeep Municipality in Ward no. 10 | 7,68,900.00 |
| 2 | Construction of C.C Road from Ganeswar Lenka house to Main road ( Near Golekha Sahu house) and in side lane from Dibakar Panda house to Ajaya Sahoo house in Medicalpada ,W.No-01 | 3,28,250.00 |

| | | |
|---|---|---|
| 3 | Construction of C.C Road from Bela Sutar house to Main road and in side lane (i) From Chotray house to Sunakar Hembram house (ii) From Anam Maharana house to Laxmidhar Bhuyan house in Mundapada ,W.No-01 | 1,73,580.00 |
| 4 | Construction of C.C Road and R.C.C Drain from Laxmidhar Sahu house to Mangu Charan Nayak house , W.No-05 , Paradeep Municipality , Paradeep in Ward No. 5 | 8,78,370.00 |
| 5 | Construction of C.C Road from Dumper Association to Nira Nayak house in Baliplot , W.No-02 , Paradeep Municipality , Paradeep in Ward No.2 | 6,05,240.00 |
| 6 | Construction of C.C Road from Sanjaya Sharma house to Sadhu house and side lane , W.No-06 , Paradeep Municipality , Paradeep in Ward No. 6 | 4,35,600.00 |
| 7 | Construction of C.C Road from Railway Compound wall ( Near Pabitra Sethi house) to Music school and up to Abimanyu Behera house and side lane , W.No-06 , ( Pranath Colony )Paradeep Municipality , Paradeep in Ward No. 6 | 4,54,500.00 |
| 8 | Construction of C.C Road ,drain on back side of Ambica School , W.No-02 Paradeep Municipality , Paradeep (C.C Road , drain from Dharanidhar Maharana house to Kiran Adhikari house and drain on Main road side) | 6,94,700.00 |
| 9 | Construction of C.C Road and R.C.C Drain from Harapriya Nayak house to Magu Charan Bala house in Lockpada , W.No-03 , Paradeep Municipality | 5,17,000.00 |
| 10 | Construction of C.C road at different places of Trinath colony in ward no-08. | 4,09,700.00 |
| 11 | Construction of C.C road and repair of drain in front of Kamala Cinema hall basti in ward no-15.. | 4,84,440.00 |
| 12 | Development of road at Telugupada, Nuabazar in ward no-16.( C.C Road) | 5,95,800.00 |
| 13 | Development of road at Odiyapoda, Nuabazar in ward no-16.(C.C Road) | 5,95,800.00 |
| 14 | Construction of C.C road from Oripili Satya Narayan house to Mohan Behera house in ward no-17. | 2,76,900.00 |
| 15 | Construction of C.C road at different places of Sandhakuda , W.No-17 | 7,64,400.00 |
| 16 | Construction of C.C road from O.Kerandu house to Marada Kashirao house in ward no-17. | 3,83,100.00 |
| 17 | Construction of C.C road and RCC drain from Bhagaban Gayan house to IOCL road in ward no-18. | 5,48,400.00 |
| 18 | Construction of C.C road and RCC drain from Laxman Nayak house to IOCL road in ward no-18. | 7,22,600.00 |
| 19 | Construction of C.C road from Indrani Rout house to Durga temple in ward no-18. | 5,03,500.00 |
| 20 | Construction of C.C road from Sukanta Swain house to Uma Sahu in ward no- 18 | 1,95,300.00 |
| 21 | Construction of C.C Road and R.C.C Drain from Lock Bridge to Siva Jena house , W.No-03 | 9,84,000.00 |
| 22 | Construction of C.C road , drain and repair of drain, C.C Road in Cabin Market Ward no. 11 | 6,00,000.00 |

| | | |
|---|---|---|
| 23 | Const. of C.C Road from Khetrabasi house to Kuja Nayak house in Sandhakuda Ward no. 16 | 5,00,000.00 |
| 24 | Const. of C.C Road from Gantha Mathusul to Kandal Appa Rao house Ward no. 17 | 4,50,000.00 |
| 25 | Const. of C.C Road from Madadha Satyanarayan House to Guda Sahu house Ward no. 17 | 5,00,000.00 |
| 26 | Const. of C.C Road from ajaya Behera house to IOCL Road in Ward No.18 | 5,00,000.00 |
| 27 | Construction of C.C Road and R.C.C Drain in front of N.M. Baisakh house to Bitu Kanungo house at Bijayachandrapur in Ward No.5 | 27,88,400.00 |
| 28 | Construction of R.C.C Drain and C.C Road from Main to Sabita Mahapatra house , Bitu Kanungo house to Kunababu house and Main road to Tukunababu house and back side of Jena Bhaban at Bijayachandrapur , W.No-05 Paradeep Municipality , Paradeep | 23,56,700.00 |
| | Total :- Rs. | 1,90,15,180.00 |

(ଘ) ଏତଦ୍‌ବ୍ୟତୀତ ପାରିଷଦ ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ନିମ୍ନଲିଖିତ ପ୍ରକଳ୍ପ ଗୁଡିକୁ ବୈଠକରେ ଆଲୋଚନା କରାଯାଇ କାର୍ଯ୍ୟକାରୀ କରିବା ପାଇଁ ମଂଜୁରୀ ପ୍ରଦାନ କରାଗଲା ।

ପ୍ରକଳ୍ପ ତାଲିକା

1. Improvement of road from Atharbanki Medical to Main road in Ward no. 6
2. Construction of Motorcycle stand in Municipal Office
3. Lighting of road with plantation on both side of road from Terminal Chhak to Railway Station.
4. Plantation by the side of Canal with cleaning from Atharbanki to Dochhaki.
5. Engagement of 2 nos. electrican in Municipal Office and engagement of Watchman in Atharbanki Market Complex through service provider.
6. Purchase of ladder for maintenance of Street Light work.

୭. ନିର୍ବାହୀ ଅଧିକାରୀଙ୍କ କ୍ୱାଟର କ୍ୟାମ୍ପସ୍‌ରେ ଟାଇଲ ବିଛାଣ ।

୮ ନିର୍ବାହୀ ଅଧିକାରୀଙ୍କ କ୍ୱାଟର ପଛପଟରେ ଥିବା ୱାଚ୍ ମ୍ୟାନ ଗୃହର ସଂପ୍ରସାରଣ ।

୯ ୱାର୍ଡ ନଂ ୨ ଅମ୍ବିକା ପଡା ଠାରେ ପିଣ୍ଡି ନିର୍ମାଣ ।

୧୦ ୱାର୍ଡ ନଂ ୫ ବାଲିଝରା ନାରାୟଣ ବାରିକ ଘର ଠାରୁ OMFED ବୁଥ ପର୍ଯ୍ୟନ୍ତ ମୁଖ୍ୟରାସ୍ତା ପାର୍ଶ୍ୱରେ ଡ୍ରେନ ନିର୍ମାଣ ।

୧୧ ୱାର୍ଡ ନଂ ୫ ବାଲିଝରା ବାଲୁକେଶ୍ୱର ମନ୍ଦିର ସାଆ ପଡିଆକୁ ଢଳେଇ ରାସ୍ତା ନିର୍ମାଣ ।

୧୨ ୱାର୍ଡ ନଂ ୫ ବାଲିଝରା ନାରାୟଣ ବାରିକ ଘର ପାଖରେ ପିଣ୍ଡି ନିର୍ମାଣ ।

୧୩ ୱାର୍ଡ ନଂ ୬ ମଝିପାଳନ୍ଦା ଗୋପାଳ ନାୟକ ଦୋକାନ ଠାରୁ ଅଭୟ ମଲ୍ଲ ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ।

୧୪ ୱାର୍ଡ ନଂ ୬ ମଝିପାଳନ୍ଦା ଶତ୍ରୁଘ୍ନ ବଳିୟାରସିଂ ଘର ଠାରୁ ଉପେନ୍ଦ୍ର ସାହୁ ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ।

୧୫ ୱାର୍ଡ ନଂ ୬ ମଝିପାଳନ୍ଦା ମିର୍ ବରକତ୍ ଅଲ୍ଲୀ ଘର ଠାରୁ ବସନ୍ତ କାଣ୍ଡି ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ।

୧୬ ୱାର୍ଡ ନଂ ୬ ବଙ୍ଗାଳିପଡା ସୁଭାଷ ମହାନ୍ତ ଦୋକାନ ଘର ଠାରୁ ସୋରଦ ବାବା ମଠ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ।

୧୭ ୱାର୍ଡ ନଂ ୬ ଟ୍ରେନ ଲାଇନ ପଡା ଟ୍ରେନ ଲାଇନ ଠାରୁ ଶୁକାନ୍ତ ବାବା ମଠ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ।

୧୮ ୱାର୍ଡ ନଂ ୬ ଅଠରବାଙ୍କୀ ରବି ସ୍ୱାଇଁ ଘର ଠାରୁ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ।

୧୯ ୱାର୍ଡ ନଂ ୬ ଅଠରବାଙ୍କୀ ଯୋଗେନ୍ଦ୍ର ଘର ଠାରୁ ପ୍ରକାଶ ଜେନା ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ।

୨୦ ୱାର୍ଡ ନଂ ୬ ଅଠରବାଙ୍କୀ କ୍ଲବ ଘର ସାମନାରେ ପ୍ଲାଟଫର୍ମ ନିର୍ମାଣ ।

୨୧ ୱାର୍ଡ ନଂ ୬ ଅଠରବାଙ୍କୀ ମାନସ ଲେଙ୍କା ଘର ଠାରୁ ମୁଖ୍ୟ ରାସ୍ତାକୁ କଂକ୍ରିଟ ରାସ୍ତା ନିର୍ମାଣ ।

୨୨ ୱାର୍ଡ ନଂ ୬ ବାଉରିଆ ପାଳନ୍ଦା ଠାରେ ତିନି ଗୋଟି କୂପର ଚାନ୍ଦିନୀ ମରାମତି ଏବଂ ଉନ୍ନତି କରଣ ।

୨୩ ୱାର୍ଡ ନଂ ୬ ଗାୟତ୍ରୀ ଷ୍ଟୋର ଠାରୁ ମ୍ୟୁନିସିପାଲିଟି ମାର୍କେଟ ପ୍ରଚିର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ।

୨୪ ୱାର୍ଡ ନଂ ୮ ମୁଣ୍ଡାପଡା ଠାରୁ କାଳନ୍ଦି ନାୟକ ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ।

୨୫ ୱାର୍ଡ ନଂ ୧୪ର ମାର୍କେଟ କମ୍ପ୍ଲେକ୍ସ ସ୍ଥିତ ବରଗଛ ଠାରୁ ଶୌଚାଳୟ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତାର ନିର୍ମାଣ ।

୨୬ ୱାର୍ଡ ନଂ ୧୫ ମାର୍କେଟ ସନ୍ନିକଟସ୍ଥ ଶୌଚାଳୟ ଠାରୁ ନଦୀ ବନ୍ଧ ପର୍ଯ୍ୟନ୍ତ ରାସ୍ତା ଓ ଡ୍ରେନ ନିର୍ମାଣ ।

୨୭ ୱାର୍ଡ ନଂ ୧୫ ପରିବା ମାର୍କେଟ ପଛ ପାଖରେ ଥିବା ଡ୍ରେନ ମରାମତି ଓ କଂକ୍ରିଟ ରାସ୍ତା ନିର୍ମାଣ ।

୨୮ ୱାର୍ଡ ନଂ ୧୫ର ସ୍ୱସ୍ତି ହୋଟେଲ ଠାରୁ କାହ୍ନୁ ବିଳାଶ ଦୋକାନ ପର୍ଯ୍ୟନ୍ତ ଡ୍ରେନର ପୁନରୁଦ୍ଧାର ।

୨୯ ୱାର୍ଡ ନଂ ୧୫କମଳା ସିନେମା ହଲ ବସ୍ତି ପାଖରେ ଥିବା ମେନ ଡ୍ରେନର ପୁନରୁଦ୍ଧାର

୩୦ ୱାର୍ଡ ନଂ ୧୫ର ବଡ ପଡିଆ ମାର୍କେଟ ପଛପଟେ ଥିବା ଡ୍ରେନର ପୁନରୁଦ୍ଧାର

୩୧ ୱାର୍ଡ ନଂ ୧୫ ମାଛ ମାର୍କେଟରେ ବାଲି ପକାଇବା ।

୩୨ ୱାର୍ଡ ନଂ ୧୮ ର ଷଣ୍ଢକୁଦ ସୁଧାଂଶୀ ମଣ୍ଡଳ ଘର ଠାରୁ ପ୍ରତିମା ବେହେରା ଘର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ।

୩୩ ପରିଷଦ ସଂଲଗ୍ନ ବିଜୟଚନ୍ଦ୍ରପୁର, ସୁଖୁଆଖଳା, ଭିତରଗଡ ଓ ବାଲିଝରା ଠାରେ ସ୍ଥାନ ନିରୂପଣ କରି ୫୦ ଗୋଟି ଗଭିର ନଳକୂପ ଖନନ ।

**କାର୍ଯ୍ୟସୂଚୀ ନଂ ୩ - ପରିମଳ କାର୍ଯ୍ୟ ଉପରେ ଆଲୋଚନା :-**

ଅଧକ୍ଷା ମହୋଦୟା ଗୃହରେ ପରିମଳ କାର୍ଯ୍ୟ ଉପରେ ଆଲୋଚନା କରିବା ପାଇଁ ପ୍ରସ୍ତାବ ରଖିଥିଲେ । ପାରିଷଦ ଶ୍ରୀମତୀ ଅନ୍ନପୂର୍ଣ୍ଣ ବେଉରା ୱାର୍ଡ ନଂ ୭ ପ୍ରକାଶ କରିଥିଲେ ଯେ, ବିଗତ ଦିନ ମାନଙ୍କରେ ଫଗିଂମେସିନ୍ ଠିକ୍ ଭାବରେ ୱାର୍ଡ ଗୁଡିକୁ ପଠାଯାଉନାହିଁ । ବେଟେକ୍ସ ସ୍ପ୍ରେ ମଧ୍ୟ ତ୍ୱରାନ୍ୱିତ କରାଯାଉନାହିଁ । ଯାହା ଫଳରେ ମଶା ମାନଙ୍କର ବଂଶ ବୃଦ୍ଧି ପାଉଛି । ଅଧକ୍ଷା ମହୋଦୟା ଏଥିରେ ହସ୍ତକ୍ଷେପ କରି ବିଟେକ୍ସ ସ୍ପ୍ରେ ଏବଂ ଫଗିଂ ବ୍ୟବସ୍ଥାକୁ ଘରୋଇ କରଣ ମାଧ୍ୟମରେ ନିୟମିତ କରାଯିବା ଲାଗି ପ୍ରସ୍ତାବ ରଖିଥିଲେ । ଏହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଘରୋଇ କରଣ ବ୍ୟବସ୍ଥାକୁ ଅନୁମୋଦନ କରିଥିଲେ ।

ଖ) ପାରିଷଦ ଶ୍ରୀ ଅକ୍ଷୟ କୁମାର ପରିଡା ଗୃହକୁ ଜଣାଇ ଥିଲେ ଯେ, ଗତ କଳିଙ୍ଗ ବାଲିଯାତ୍ରା ୨୦୧୩ ଦୀର୍ଘ ୭ ଦିନ ଧରି ପରିଷଦ ସୀମା ସଂଲଗ୍ନ ୱାର୍ଡ ନଂ ୧୪ରେ ଚାଲିଥିଲା । ପାରାଦ୍ୱୀପ ପୌର ପରିଷଦ ତରଫରୁ ସେଠାରେ ପରିମଳ ସେବା ଯୋଗାଇ ଦେବା ପାଇଁ ଦିନ ରାତି (୮ଦିନ) କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀମାନଙ୍କୁ ନିୟୋଜନ କରାଯାଇଥିଲା । ସେମାନେ ସେଠାରେ ଦିବାରାତ୍ର କାର୍ଯ୍ୟ କରିଅଛନ୍ତି । ଯେହେତୁ

ସେମାନଙ୍କୁ ୨୪ ଘଣ୍ଟା କାର୍ଯ୍ୟରେ ନିୟୋଜନ କରାଯାଇଅଛି ଓ ସେମାନେ ଦପ୍ତରରୁ ସର୍ବନିମ୍ନ ମଜୁରୀ ପାଇଥାନ୍ତି ଏହାକୁ ବିଚାରକୁ ନେଇ ସେମାନଙ୍କୁ କିଛି ଆର୍ଥିକ ସହାୟତା ଦିଆଯାଉ । ଏଥିରେ ଭାଗନେଇ ଅଧିକାଂଶ ପାରିଷଦ ମତପୋଷଣ କରିଥିଲେ ଯେ, କଳିଙ୍ଗ ବାଲିଯାତ୍ରା ପାରାଦ୍ୱୀପର ପରିମଳ କାର୍ଯ୍ୟ ସମ୍ପୂର୍ଣ୍ଣ ପାରାଦ୍ୱୀପ ପୌର ପାଳିକାର ଓ ପରିମଳ କର୍ମଚାରୀମାନେ ସୁରୁଖୁରୁରେ ଶୃଙ୍ଖଳାର ସହିତ ଉକ୍ତ କାର୍ଯ୍ୟକୁ ସମାପନ କରିଛନ୍ତି । ପରିଶେଷରେ ଅଧ୍ୟକ୍ଷା ମହୋଦୟ କହିଥିଲେ ଯେ, ବାଲିଯାତ୍ରାର ୮ ଦିନ ପର୍ଯ୍ୟନ୍ତ ନିୟୋଜିତ ହୋଇଥିବା କର୍ମଚାରୀମାନଙ୍କୁ ଦୈନିକ ଟ.୬୦.୦୦ଙ୍କା (ଷାଠିଏ ଟଙ୍କା)ମାତ୍ର ହିସାବରେ ଦେବା ପାଇଁ ପ୍ରସ୍ତାବ ରଖିଥିଲେ । ଏହା ଉପରେ ଆଲୋଚନା କରାଯାଇ ଉକ୍ତ କର୍ମଚାରୀ ମାନଙ୍କୁ ଦୈନିକ ଟ.୬୦.୦୦ଙ୍କା ହିସାବରେ ଦିଆଯିବା ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଗଲା ।

**କାର୍ଯ୍ୟସୂଚୀ ନଂ ୪ - ୨୦୧୨-୧୩ ଆର୍ଥିକ ବର୍ଷର ରିଭାଇଜ ବଜେଟ ଦୃଢ଼ିକରଣ :-**

ଅଧ୍ୟକ୍ଷା ମହୋଦୟା ଗୃହକୁ ଜଣାଇ ଥିଲେ ଯେ, ପୂର୍ବ ବୈଠକରେ ପରିଷଦର ରିଭାଇଜ ବଜେଟ ଦୃଢ଼ିକରଣ ପାଇଁ ପ୍ରସ୍ତାବ ରହିଥିଲା । ମାତ୍ର ଏଥିରେ ସାମାନ୍ୟ ତୃଟି ଯୋଗୁ ଏହା ପୂର୍ବ ବୈଠକରେ ଦୃଢ଼ିକରଣ କରାନଯାଇ ତାହାର ସଂଶୋଧନ କରାଯାଇ ପୁନଶ୍ଚ ସରକାରୀ ନିୟମାନୁଯାୟୀ ୧୪ ଦିନ ପର୍ଯ୍ୟନ୍ତ ଦପ୍ତରର ବିଜ୍ଞାପନ ଫଳକରେ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ପାଇଁ ଜାରୀ କରାଯାଇଥିଲା । ମାତ୍ର ଉକ୍ତ ଦିନ ମଧ୍ୟରେ ଜନସାଧାରଣଙ୍କ ଠାରୁ କୌଣସି ଆପତ୍ତି ଅଭିଯୋଗ ଆସିନାହିଁ । ତେଣୁ ଉକ୍ତ ରିଭାଇଜ ବଜେଟ ଦୃଢ଼ି କରଣ ପାଇଁ ଗୃହରେ ପ୍ରସ୍ତାବ ରଖିଥିଲେ । ଏହା ଉପରେ ବିଷଦ ଭାବରେ ଆଲୋଚନା କରାଯାଇ ଉକ୍ତ ରିଭାଇଜ ବଜେଟକୁ ନିମ୍ନମତେ ଦୃଢ଼ିକରଣ କରାଯାଇ ନଗର ଉନ୍ନୟନ ବିଭାଗକୁ ପଠାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା ।

1. General Administration & Collection charges

| | Budget Head | Amount Estimated in the Budget | Amount Revised | Difference |
|---|---|---|---|---|
| F(i) | R.C.M. | 8,00,000.00 | 20,00,000.00 | 12,00,000.00 |
| F(iii) | Arrear Pay | 5,00,000.00 | 1,00,00,000.00 | 95,00,000.00 |
| 2. | Collection of Taxes and Fees | | | |
| (d) | Other charges (arrear) | 15,00,000.00 | 50,00,000.00 | 35,00,000.00 |
| 3. | Public Health | | | |
| 1 | Establishment charge (Pay, DA & HRA etc) | 45,00,000.00 | 1,00,00,000.00 | 55,00,000.00 |
| **9** | **Slum area Development** | | | |
| 1 | Installation of lights (Solar light & Electrification & maintenance) in slum area | 1,10,00,000.00 | 2,02,00,000.00 | 92,00,000.00 |
| | Total :- | 1,83,00,000.00 | 4,72,00,000.00 | 2,89,00,000.00 |

ନିମ୍ନରେ କମିଥିବା ହେଡର ବିବରଣୀ ପ୍ରଦାନ କରାଗଲା ।

| | | | | |
|---|---|---|---|---|
| 9. | Slum area Development | | | |
| 17 | Construction of Water Reservoir | 5,78,61,888.00 | 2,89,61,888.00 | 2,89,00,000.00 |

| | |
|---|---|
| ସନ୍ ୨୦୧୨-୧୩ ବର୍ଷର ସମ୍ଭାବ୍ୟ ଆୟ (ବିଭିନ୍ନ ସୂତ୍ରରୁ) | ଟ. ୧୫,୩୯,୯୬,୦୦୦.୦୦ଙ୍କା |
| ସନ୍ ୨୦୧୧-୧୨ ବର୍ଷର ଉଦ୍‌ବୃତ୍ତ ବଳକା - | ଟ. ୩୪,୯୮,୮୫,୧୧୨.୦୦ଙ୍କା |
| ମୋଟ୍ ସମ୍ଭାବ୍ୟ ଆୟ | ଟ. ୫୦,୩୮,୮୧,୧୧୨.୦୦ଙ୍କା |
| ସନ୍ ୨୦୧୨-୧୩ ବର୍ଷର ସମ୍ଭାବ୍ୟ ବ୍ୟୟ | ଟ. ୪୫,୩୪,୯୩,୦୦୦.୦୦ଙ୍କା |
| ବର୍ଷ ଶେଷରେ ସମ୍ଭାବ୍ୟ ବଳକା | ଟ. ୫,୦୩,୮୮,୧୧୨.୦୦ଙ୍କା |

**କାର୍ଯ୍ୟସୂଚୀ ନଂ ୫ - ଗତ ମାସର ଆୟ, ବ୍ୟୟ ଉପସ୍ଥାପନା :-**

ସନ୍ ୨୦୧୩ ମସିହା ଜାନୁଆରୀ ମାସ ଆୟ ବ୍ୟୟର ଚିଠାକୁ ଗୃହରେ ସମସ୍ତ ସଭ୍ୟ /ସଭ୍ୟା ମାନଙ୍କର ଅବଗତି ନିମନ୍ତେ ଉପସ୍ଥାପନ କରାଯାଇଥିଲା । ଏହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ସର୍ବଶେଷରେ ନିମ୍ନମତେ ଉକ୍ତ ମାସର ଆୟ, ବ୍ୟୟକୁ ସର୍ବ ସମ୍ମତି କ୍ରମେ ଅନୁମୋଦନ କରାଯାଇଥିଲା ।

| ମାସ | ଆୟ | ବ୍ୟୟ |
|---|---|---|
| ଜାନୁଆରୀ - ୨୦୧୩ | ଟ ୧,୩୭,୭୫,୯୩୪.୦୦ | ଟ. ୨,୩୩,୧୪,୦୪୭.୦୦ |

**କାର୍ଯ୍ୟସୂଚୀ ନଂ ୬ - ବସ୍ତି ଅଂଚଳରେ ପାନୀୟ ଜଳ ଯୋଗାଣ ସମ୍ବନ୍ଧରେ ଆଲୋଚନା:-**

(କ) ଅଧକ୍ଷା ମହୋଦୟା ଗୃହକୁ ଜଣାଇଥିଲେ ଯେ, ପାରାଦ୍ୱୀପ ପୌର ପରିଷଦ ଅଂଚଳରେ ଥିବା ବସ୍ତି ଗୁଡିକରେ ଗଭୀର ନଳକୂପ ଖନନ ମାଧମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ଏକାନ୍ତ ଆବଶ୍ୟକ । ଆଲୋଚନାରେ ଭାଗନେଇ ନିର୍ବାହୀ ଅଧିକାରୀ ଗୃହକୁ ଜଣାଇଥିଲେ ଯେ, ପତ୍ର ସଂଖ୍ୟା ୮୧୮ ତା ୧୭.୩.୧୧ରିଖରେ ପାରାଦ୍ୱୀପ ପୌର ପରିଷଦ ଏକ ଜଳ ଭଣ୍ଡାର ପ୍ରକଳ୍ପ ପାଇଁ ୬୦.୦୦ଲକ୍ଷ ଟଙ୍କାର ବ୍ୟୟ ଅଟକଳ ତ୍ରୟୋଦଶ ଅର୍ଥ କମିଶନରୁ ୨୦୧୨-୧୩ ଆର୍ଥିକ ବର୍ଷପାଇଁ ବ୍ୟବସ୍ଥା କରିବା ପାଇଁ ଓଡ଼ିଶା ସରକାରଙ୍କୁ ଅନୁରୋଧ କରିଥିଲେ । କିନ୍ତୁ ଅଦ୍ୟାବଧି ଏହି ପ୍ରକଳ୍ପ ପାଇଁ କୌଣସି ସରକାରୀ ଯାଗା ନିରୁପଣ କରାଯାଇ ପାରିନାହିଁ । ଆସନ୍ତା ଗ୍ରୀଷ୍ମ ଋତୁକୁ ଲକ୍ଷ୍ୟକରି ବାଲିଝରାରେ ଏକ ଗଭୀର ନଳକୂପ ଖନନ ସହିତ ବସ୍ତି ଅଂଚଳରେ ପାଇପଲାଇନ ବ୍ୟବସ୍ଥା କରିବା ପାଇଁ P.H.E.D. ନିର୍ବାହୀ ଯନ୍ତ୍ରୀଙ୍କ ପାଖରୁ ୬୧ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ପରିଷଦର ହସ୍ତଗତ ହୋଇ ଅଛି । ଏ ସମ୍ବନ୍ଧରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ତ୍ରୟୋଦଶ ଅର୍ଥ କମିଶନର ୨୦୧୨-୧୩ ଆର୍ଥିକ ବର୍ଷପାଇଁ ଆସିଥିବା ୬୦.୦୦ଲକ୍ଷ ଟଙ୍କାକୁ ଗଭୀର ନଳକୂପ ଖନନ ସହିତ ବସ୍ତି ଅଂଚଳରେ ପାଇପଲାଇନ ବ୍ୟବସ୍ଥା ରେ ଖର୍ଚ୍ଚ କରିବା ପାଇଁ ସରକାରଙ୍କୁ ଅନୁରୋଧ କରାଗଲା ଓ ଅବଶିଷ୍ଟ ଆବଶ୍ୟକୀୟ ଅର୍ଥ ପୌର ପାଣ୍ଠିରୁ ଭରଣା କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା । ଏ ସମ୍ବନ୍ଧରେ ସରକାରଙ୍କ ନିକଟକୁ ପତ୍ରାଳାପ କରିବା ପାଇଁ ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା ।

(ଖ) ପାରାଦ୍ୱୀପ ପୌର ପରିଷଦର ୧୮ଟି ୱାର୍ଡର ବିଭିନ୍ନ ବସ୍ତି ଅଂଚଳରେ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ଓଡିଶା ସରକାରଙ୍କ ଠାରୁ ଅଧିକ ଅନୁଦାନ ରାଶି ପାଇବା ପାଇଁ ସରକାରଙ୍କ ନିକଟକୁ ପତ୍ରାଳାପ କରିବା ପାଇଁ ପରିଷଦ ନିର୍ବାହୀ ଅଧିକାରୀ ଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା ।

କାର୍ଯ୍ୟସୂଚୀ ନଂ ୭ -ଅ ନ୍ୟା ନ୍ୟ (ଅଧ୍ୟକ୍ଷାଙ୍କ ଅନୁମୋଦନ କ୍ରମେ) :-

କ) ଅଠରବାଙ୍କୀ ଠାରୁ ଦୋଛକି ପର୍ଯ୍ୟନ୍ତ ରାସ୍ତାର ବିଦ୍ୟୁତ କରଣ କାର୍ଯ୍ୟ ଓଡିଶା କ୍ଷୁଦ୍ର ନିଗମ ଶିଳ୍ପ ଦ୍ୱାରା ସମାପନ ହୋଇଅଛି । ଉକ୍ତ ସଂସ୍ଥା ପଇଠ କରିଥିବା ପୂର୍ଣ୍ଣାଙ୍ଗ ବଜେଟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଆଲୋଚନାରେ ଜଣାଯାଇଥିଲା ଯେ ଏହା ପୂର୍ବ ବୈଠକର ଅନୁମୋଦନ ରାଶିଠାରୁ ଟ.୩,୧୧,୧୮୪.୦୦ଙ୍କା ଅଧିକ । ଏହା ଉପରେ ଆଲୋଚନା କରାଯାଇ ଟ.୩,୧୧,୧୮୪.୦୦ଙ୍କା ପଇଠ କରାଯିବା ପାଇଁ ଅନୁମୋଦନ ଲାଭ କରିଥିଲା ।

ଖ) ଦପ୍ତରର ୨ୟ ମହଲା ଗୃହରେ ICZMP Office and M.I.S. ROOM (Computer) କରାଯିବା ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଗଲା ।

ଗ) କାର୍ଯ୍ୟାଳୟ କମ୍ପ୍ୟୁଟର ଓ ନେଟୱାର୍କଙ୍କ କାର୍ଯ୍ୟକୁ ବାର୍ଷିକ ରକ୍ଷଣାବେକ୍ଷଣ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା ।

ପରିଶେଷରେ ଅଧ୍ୟକ୍ଷା ତଥା ସମସ୍ତ ପାରିଷଦଙ୍କୁ ଧନ୍ୟବାଦ ଅର୍ପଣ କରାଯାଇ ସଭା ଭାଙ୍ଗ କରାଗଲା ।

ମଞ୍ଜୁ ଲତା ଦେବୀ

ଅଧ୍ୟକ୍ଷା,
ପାରାଦ୍ୱୀପ ପୌର ପରିଷଦ

ଜ୍ଞାପକ ସଂଖ୍ୟା ୮୨୮(୪୦)/ ତା ୨୨-୦୨-୧୩/ରିଖ

ଏହାର ଏକକିତା ନକଲ ଉପାଧ୍ୟକ୍ଷ/ ମାନ୍ୟବର ସାଂସଦ ଜଗତସିଂହପୁରଙ୍କ ପ୍ରତିନିଧି/ମାନ୍ୟବର ବିଧାୟକ, ପାରାଦ୍ୱୀପଙ୍କ ପ୍ରତିନିଧି / ସମସ୍ତ ପାରିଷଦଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସା. ଅ. ଗଣ୍ଡା
୨୨/୨/୧୩

ନିର୍ବାହୀ ଅଧିକାରୀ
ପାରାଦ୍ୱୀପ ପୌର ପରିଷଦ

ଜ୍ଞାପକ ସଂଖ୍ୟା ୮୨୯(୩)/ ତା ୨୨-୦୨-୧୩/ରିଖ

ଏହାର ଏକକିତା ନକଲ ଜିଲ୍ଲାପାଳ, ଜଗତସିଂହପୁର / ରାଜସ୍ୱ କମିସନର, କେନ୍ଦ୍ରାଞ୍ଚଳ, କଟକ / ନିର୍ଦ୍ଦେଶକ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସା. ଅ. ଗଣ୍ଡା
୨୨/୨/୧୩

ନିର୍ବାହୀ ଅଧିକାରୀ
ପାରାଦ୍ୱୀପ ପୌରପରିଷଦ